# ନିବନ୍ଧକ ଏବଂ ଅନ୍ୟଜଣଙ୍କ ମାଧ୍ୟମରେ ବମ୍ବେ ଉଚ୍ଚ ନ୍ୟାୟାଳୟ
ବନାମ
ଆଇନଗତ ଉତ୍ତରାଧିକାରୀଙ୍କ ମାଧ୍ୟମରେ ବ୍ରିଜ ମୋହନ ଗୁପ୍ତା (ମୃତ) ଏବଂ ଅନ୍ୟଜଣେ
23 ଜାନୁଆରୀ 2003
[ମୁଖ୍ୟ ନ୍ୟାୟଧୀଶ, ଭି.ଏନ୍. ଖାରେ, ଏସ୍.ବି. ସିହ୍ନା ଏବଂ ଡ. ଏ.ଆର୍. ଲକ୍ଷ୍ମଣନ ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ :*

*ନ୍ୟାୟପାଳିକା - ଉଚ୍ଚ ନ୍ୟାୟିକ ସେବା - ଜଣେ ଏଚ୍.ଜେ.ଏସ୍. ଅଧିକାରୀଙ୍କ କାର୍ଯ୍ୟକାଳ 60 ବର୍ଷ ବୟସ ପର୍ଯ୍ୟନ୍ତ ଜାରି ରହିବ - ମହାରାଷ୍ଟ୍ର ଉଚ୍ଚ ନ୍ୟାୟପାଳିକା ସେବା - ଅବସର ସମୟରେ 10 ବର୍ଷର ଯୋଗ୍ୟତାପୂର୍ଣ ସେବା ପୂରଣ କରିନଥିବା ଅଧିକାରୀ - 60 ବର୍ଷ ବୟସ ପର୍ଯ୍ୟନ୍ତ ସେବାରେ ଅଧିକାରୀଙ୍କୁ ଜାରି ରଖିବା ନିମନ୍ତେ ବିଚାର - 58 ବର୍ଷ ବୟସରେ ଅବସର ଗ୍ରହଣ କରିବାକୁ ସୁପାରିଶ କରୁଥିବା ଅଧିକାରୀଙ୍କ ସେବା ରେକର୍ଡକୁ ଯାଞ୍ଚ କରିବା ପରେ ବିଚାରପତିଙ୍କ ମାମଲା-II ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗଠିତ କମିଟି - ଅବସର ଆଦେଶ ପାରିତ କରାଯାଇଛି - ଅଧିକାରୀଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନ - ନିୟମ 10 (3) (c) ଅନୁଯାୟୀ ନିୟମ 53 ର ଲାଭ ପାଇବା ପାଇଁ ସେ 10 ବର୍ଷର ଯୋଗ୍ୟକାରୀ ସେବା ସମାପ୍ତ ହେବା ପର୍ଯ୍ୟନ୍ତ ସେ କାର୍ଯ୍ୟରେ ରହିବାକୁ ହକ୍‌ଦାର ବୋଲି ଅଧିକାରୀଙ୍କ ଦାବିକୁ ଉଚ୍ଚ ନ୍ୟାୟାଳୟ ଅନୁମତି ଦେଇଛନ୍ତି - ବିଚାରପତିଙ୍କ ମାମଲା-I ଏବଂ ବିଚାରପତିଙ୍କ ମାମଲା-II ଅନୁଯାୟୀ, ନିୟମ 10 (3) (c) ରେ ଉପସ୍ଥାପିତ ହୋଇଥିଲା ବୋଲି ନିର୍ଣ୍ଣୟ କରାଗଲା - କେବଳ ସେହି କ୍ଷେତ୍ରରେ, ଯେତେବେଳେ ସେବା ନିୟମ ଅନୁଯାୟୀ ନ୍ୟାୟିକ ଅଧିକାରୀଙ୍କ ଅବସର ବୟସ 60 ବର୍ଷ ହୋଇଥାଏ, ତାଙ୍କର 58 ବର୍ଷ ବୟସରେ ପହଞ୍ଚିବା ପରେ ତାଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷାର ପ୍ରଶ୍ନ ଉଠିବ ନାହିଁ - କିନ୍ତୁ ଯେତେବେଳେ ପ୍ରାସଙ୍ଗିକ ସେବା ନିୟମ ଅନୁଯାୟୀ ଅବସର ଗ୍ରହଣର ବୟସ 58 ବର୍ଷ କିମ୍ବା ତା'ଠାରୁ କମ୍ ହୋଇଥାଏ, ସେତେବେଳେ ଅଧିକାରୀ ଜଣକ 'ବିଚାରପତିଙ୍କ ମାମଲା-II' ରେ ଦିଆଯାଇଥିବା ରାୟର ଲାଭ ପାଇବାକୁ ହକ୍‌ଦାର ହେବେ, ଯେଉଁ କ୍ଷେତ୍ରରେ ଏହାର ପ୍ରଯୁଜ୍ୟତାର ସୀମା ମଧ୍ୟ ସ୍ପଷ୍ଟ ଭାବରେ ପ୍ରଯୁଜ୍ୟ ହେବ - କମିଟିର ସୁପାରିଶ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ପ୍ରଶାସନିକ ଆଦେଶ ବିଚରପତିଙ୍କ ମାମଲା-I ଏବଂ ବିଚରପତିଙ୍କ ମାମଲା-II ଅନୁଯାୟୀ ଥିଲା - ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବାତିଲ କରିଦିଆଯାଇଛି - ତେବେ, ଏହି ମାମଲାର ବିଶିଷ୍ଟ ତଥ୍ୟ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି, 10 ବର୍ଷ ସେବା ଶେଷ କରି ଅବସର ଗ୍ରହଣ କରିଥିବା ଅଧିକାରୀଙ୍କୁ ତଦନୁସାରେ ଅବସରକାଳୀନ ଲାଭ ପ୍ରଦାନ କରାଯିବ - ମହାରାଷ୍ଟ୍ର ପ୍ରଶାସନିକ ସେବା (ପେନସନ) ନିୟମ, 1982 - ନିୟମ 10 (3) (c) ଏବଂ 53 ।*

*ଅଖିଳ ଭାରତୀୟ ବିଚାରପତି ସଂଘ ଏବଂ ଅନ୍ୟମାନେ, ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1993] 4 SCC 288 (ବିଚାରପତିଙ୍କ ମାମଲା-II) ଏବଂ** *ଅଖିଳ ଭାରତୀୟ ବିଚାରପତି ସଂଘ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1992] 1 SCC 119 (ବିଚାରପତିଙ୍କ ମାମଲା-I) ଉପରେ ନିର୍ଭର କରାଯାଇଥିଲା ।**

## ବମ୍ବେ ଉଚ୍ଚ ନ୍ୟାୟାଳୟ ବନାମ ବ୍ରିଜ ମୋହନ ଗୁପ୍ତା

*ମହାରାଷ୍ଟ୍ର ପ୍ରଶାସନିକ ସେବା (ପେନସନ) ନିୟମ, 1982 - ନିୟମ 10 (3) (c) ଏବଂ 53 - ବିଚାରପତିଙ୍କ ମାମଲା-I ଏବଂ ବିଚାରପତିଙ୍କ ମାମଲା-II କୁ ଦୃଷ୍ଟିରେ ରଖି, ନିୟମ 10 (3) (c) କୁ ଉପସ୍ଥାପିତ କରାଯାଇଥିଲା ।*

*ଅଖିଳ ଭାରତୀୟ ବିଚାରପତି ସଂଘ ଏବଂ ଅନ୍ୟମାନେ, ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1992] 1 SCC 119 ଏବଂ** *ଅଖିଳ ଭାରତୀୟ ବିଚାରପତି ସଂଘ ଏବଂ ଅନ୍ୟମାନେ, ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1993] 4 SCC 288 କୁ ଅନୁଶରଣ କରାଯାଇଛି ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 137/1999 ।

ଡବ୍ଲୁ.ପି. 1210/97 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତା 30.4.98 ରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷଙ୍କ ତରଫରୁ ୟୁ.ୟୁ. ଲଳିତ, ଏସ୍.ଏସ୍. ସିନ୍ଦେ, ଭି.ଏନ୍. ରଘୁପତି, କେ.ବି.ଏସ୍. ରାଜନ୍, ଅନୀଲ କୁମାର ସିହ୍ନା, ପି. ନରସିଂହନ୍ ଏବଂ ନରେଶ କୁମାର ଉପସ୍ଥିତ ଥିଲେ ।

ନ୍ୟାୟାଳୟଙ୍କ ରାୟ ସି.ଏ. ସଂଖ୍ୟା 137/1999 ମାଧ୍ୟମରେ ପ୍ରଦାନ କରାଯାଇଥିଲା ।

ଏଠାରେ ଉତ୍ତରଦାତା ଥିବା ବ୍ରିଜ ମୋହନ ଗୁପ୍ତା 1939 ମସିହା ଜୁଲାଇ 2 ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଓକିଲ ମଣ୍ଡଳୀରୁ ସିଧାସଳଖ ବମ୍ବେର ମହାନଗର ଦେୱାନୀ ଏବଂ ଦୌରା ନ୍ୟାୟାଳୟ (ମହାରାଷ୍ଟ୍ର ଉଚ୍ଚ ନ୍ୟାୟିକ ସେବା)ର ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା । ସେ 1988 ମସିହା ନଭେମ୍ବର 4 ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ । ସାଧାରଣ ଭାବରେ, ଉତ୍ତରଦାତା  4 ନଭେମ୍ବର 1998 ରେ 10 ବର୍ଷର ସେବା ସମାପ୍ତ କରିଥାନ୍ତେ । 1997 ମସିହା ଜୁଲାଇ 2 ତାରିଖରେ ତାଙ୍କୁ 58 ବର୍ଷ ଏବଂ 1999 ମସିହା ଜୁଲାଇ 2 ତାରିଖରେ ତାଙ୍କୁ 60 ବର୍ଷ ବୟସ ହୋଇଥାନ୍ତା ।

*ଅଖିଳ ଭାରତୀୟ ବିଚାରପତି ସଂଘ ଓ ଅନ୍ୟମାନେ ବନାମ ଭାରତ ସଂଘ ଓ ଅନ୍ୟମାନେ,* [1993] 4 SCC 288 (ଏହାପରେ "ବିଚାରପତିଙ୍କ ମାମଲା-II" ଭାବେ ଉଲ୍ଲେଖ କରାଯାଇଛି) ରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ବମ୍ବେ ଉଚ୍ଚ ନ୍ୟାୟାଳୟ ଉକ୍ତ ମାମଲାରେ ଉତ୍ତରଦାତାଙ୍କୁ 60 ବର୍ଷ ବୟସ ପର୍ଯ୍ୟନ୍ତ ଚାକିରିରେ ଅବିରତ ରହିବାର ସୁବିଧା ଦେବା ନିମନ୍ତେ ତାଙ୍କ ମାମଲାର ସମୀକ୍ଷା କରିବା ପାଇଁ ଏକ କମିଟି ନିଯୁକ୍ତ କରିଥିଲେ । କମିଟି ଉତ୍ତରଦାତାଙ୍କ ବିରୋଧରେ ଏକ ପ୍ରତିକୂଳ ବିବରଣୀ ପ୍ରଦାନ କରିଥିଲା ଏବଂ ସୁପାରିଶ କରିଥିଲା ଯେ ତାଙ୍କୁ 58 ବର୍ଷ ବୟସରେ ଅବସର ନେବାକୁ ବାଧ୍ୟ କରାଯାଇପାରେ । ଉଚ୍ଚ ନ୍ୟାୟାଳୟ, କମିଟିର ସୁପାରିଶକୁ ଦୃଷ୍ଟିରେ ରଖି, 30 ଜୁଲାଇ, 1997 ରେ ଏକ ଆଦେଶ ଜାରି କରି, ଉତ୍ତରଦାତାଙ୍କୁ 31 ଜୁଲାଇ 1997 ରୁ ଚାକିରିରୁ ଅବସର ଦେଇଥିଲେ । ଅସନ୍ତୁଷ୍ଟ ହୋଇ, ଉତ୍ତରଦାତା ବମ୍ବେ ଉଚ୍ଚ ନ୍ୟାୟାଳୟରେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ ।

ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉତ୍ତରଦାତାଙ୍କ ମାମଲା ଥିଲା ଯେ ମହାରାଷ୍ଟ୍ର ପ୍ରଶାସନିକ ସେବା (ପେନସନ) ନିୟମ, 1982 ର ନିୟମ 10 (3) (c) ଅନୁଯାୟୀ, ସେ 10 ବର୍ଷର ଯୋଗ୍ୟକାରୀ ସେବା ସମାପ୍ତ

ହେବା ପର୍ଯ୍ୟନ୍ତ ଜାରି ରଖିବାକୁ ହକଦାର ଥିଲେ ଯାହା ତାଙ୍କୁ ନିୟମବଳୀର ନିୟମ 53 ର ଲାଭ ପାଇବାକୁ ଯୋଗ୍ୟ କରିବା ପାଇଁ ଆବଶ୍ୟକ ଥିଲା । ଉଚ୍ଚ ନ୍ୟାୟାଳୟ ଉକ୍ତ ତର୍କକୁ ଗ୍ରହଣ କରିଥିଲେ ଏବଂ ନିର୍ଣ୍ଣୟ କରିଥିଲେ ଯେ ଉତ୍ତରଦାତାଙ୍କୁ 4 ନଭେମ୍ବର, 1998 ପର୍ଯ୍ୟନ୍ତ ସେବା ଜାରି ରଖିବାର ଅଧିକାର ରହିବ, ଯେଉଁ ତାରିଖରେ ସେ ସେବାରେ 10 ବର୍ଷ ପୂରଣ କରିଥାନ୍ତେ ଏବଂ ଫଳସ୍ୱରୂପ ଉତ୍ତରଦାତାଙ୍କୁ ପ୍ରକୃତରେ 59 ବର୍ଷ, 4 ମାସ ଏବଂ 2 ଦିନ ପୂରଣ କରିବା ପରେ ଚାକିରିରୁ ଅବସର ନେବାକୁ ପଡିବ । ଏହି ମାମଲାକୁ ଦୃଷ୍ଟିରେ ରଖି, ଆଜ୍ଞାଦେଶ ଆବେଦନକୁ ଅନୁମତି ଦିଆଯାଇଥିଲା ଏବଂ ଆକ୍ଷେପିତ ଆଦେଶରେ ସଂଶୋଧନ କରାଯାଇଥିଲା ।

ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରାୟ ବିରୁଦ୍ଧରେ, ଅପିଲକାରୀମାନେ ଆମ ନିକଟରେ ଅପିଲ କରିଛନ୍ତି ।

ଅପିଲକାରୀଙ୍କ ପକ୍ଷରୁ ଉପସ୍ଥିତ ବିଦ୍ୱାନ ଓକିଲ ଶ୍ରୀ ୟୁ.ୟୁ. ଲଳିତ ଯୁକ୍ତି ବାଢ଼ିଥିଲେ ଯେ *ବିଚାରପତିଙ୍କ ମାମଲା-I* [1992] 1 SCC 119 ଏବଂ *ବିଚାରପତିଙ୍କ ମାମଲା-II* [1993] 4 SCC288 ଅନୁଯାୟୀ ନିୟମ 10 (3) (c) ସେଥିରେ ପ୍ରତିସ୍ଥାପିତ ହୋଇଥିଲା ଏବଂ ଉତ୍ତରଦାତାଙ୍କୁ 58 ବର୍ଷ ବୟସ ହେବା ପରେ ତାଙ୍କୁ 58 ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ କି ନାହିଁ ତାହା ଜାଣିବା ପାଇଁ ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତି ନେବାରେ ଯଥାର୍ଥ ଥିଲେ । ଆମେ ତାଙ୍କ ଯୁକ୍ତିରେ ଯଥାର୍ଥତା ପାଇଛୁ ।

ବିଚାରପତିଙ୍କ ମାମଲା-I ରେ, ନ୍ୟାୟିକ ସେବାର ସଦସ୍ୟମାନଙ୍କ ପାଇଁ 1992 ଡିସେମ୍ବର 31 ରୁ ଅବସର ବୟସ 60 ବର୍ଷ ସ୍ଥିର କରିବାକୁ ମହାରାଷ୍ଟ୍ର ରାଜ୍ୟ ସମେତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଏହି ନ୍ୟାୟାଳୟ ନିର୍ଦ୍ଦେଶ ଜାରି କରିଥିଲେ । ବିଚାରପତିଙ୍କ ମାମଲା-II ରେ ପୁନର୍ବାର ଏହି ନ୍ୟାୟାଳୟ କହିଛନ୍ତି ଯେ ଯେଉଁଠାରେ 60 ବର୍ଷ ବୟସରେ ଅବସର ବୟସ ପାଇଁ କୌଣସି ନିୟମ ନାହିଁ, ସେଠାରେ ଉଚ୍ଚ ନ୍ୟାୟାଳୟର ଏକ କମିଟି ନ୍ୟାୟିକ ଅଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ସମ୍ପୃକ୍ତ ସେବା ନିୟମରେ ନିର୍ଦ୍ଧାରିତ ବାଧ୍ୟତାମୂଳକ ଅବସର ପ୍ରକ୍ରିୟା ଅନୁସରଣ କରି 58 ବର୍ଷ ବୟସରେ ପହଞ୍ଚିବାକୁ ଥିବା ଅଧିକାରୀଙ୍କ କ୍ଷେତ୍ରରେ ଏହି କାର୍ଯ୍ୟ ସମୟ ଅନୁସାରେ ଶେଷ କରିବା ଉଚିତ୍; ଯେଉଁମାନେ ଏହି ମାନଦଣ୍ଡ ଅନୁସାରେ ଯୋଗ୍ୟ ଏବଂ ଉପଯୁକ୍ତ ହେବେ ନାହିଁ, ସେମାନଙ୍କୁ ଅଧିକ ବୟସରେ ଅବସର ନେବାର ସୁବିଧା ଦିଆଯିବା ଉଚିତ୍ ନୁହେଁ ଏବଂ ବାଧ୍ୟତାମୂଳକ ଅବସର ପ୍ରକ୍ରିୟା ଅନୁସରଣ କରି 58 ବର୍ଷ ବୟସରେ ବାଧ୍ୟତାମୂଳକ ଭାବେ ଅବସର ଦିଆଯିବା ଉଚିତ୍; ଏବଂ ଯେଉଁ କ୍ଷେତ୍ରରେ ପୂର୍ବରୁ ଅବସର ଗ୍ରହଣ ବୟସ 58 ବର୍ଷରୁ କମ୍ ଥିଲା, ସେଥିରେ ମଧ୍ୟ 58 ବର୍ଷ ବୟସ ହେବା ପୂର୍ବରୁ ଏହି ଅନୁଶୀଳନୀ ଆରମ୍ଭ କରିବା ଉଚିତ ।

ଏହି ନିର୍ଦ୍ଦେଶ ଅନୁଯାୟୀ, ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିମାନେ ସମ୍ପୃକ୍ତ ନ୍ୟାୟିକ ଅଧିକାରୀଙ୍କ ସେବା ରେକର୍ଡ ଯାଞ୍ଚ କରିବା ପାଇଁ ପାଞ୍ଚ ଜଣ ମାନ୍ୟବର ବିଚାରପତିଙ୍କ ଉପଯୁକ୍ତ କମିଟି ଗଠନ କରିବା ଆବଶ୍ୟକ ଥିଲା, ଯାହା ଦ୍ୱାରା ତାଙ୍କୁ 60 ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଉଚିତ କି ନାହିଁ ତାହା ବିଚାର କରାଯାଇପାରିବ । ଉକ୍ତ ପ୍ରକ୍ରିୟାଟି ବର୍ତ୍ତମାନ ମାମଲାରେ ଅନୁସରଣ କରାଯାଇଥିଲା ।

ପାଞ୍ଚ ଜଣ ବିଚାରପତିଙ୍କ କମିଟି ଉତ୍ତରଦାତାଙ୍କ ରେକର୍ଡକୁ ଅନୁଧ୍ୟାନ କରିଥିଲେ ଏବଂ ମତ ରଖିଥିଲେ :

# ବମ୍ବେ ଉଚ୍ଚ ନ୍ୟାୟାଳୟ ବନାମ ବ୍ରିଜ ମୋହନ ଗୁପ୍ତା

"କମିଟି ଗତ 5 ବର୍ଷ ଅର୍ଥାତ 1992 ପରଠାରୁ ଶ୍ରୀ ଗୁପ୍ତାଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ ଉପରେ ବିଚାର କରିଛି । ତାଙ୍କ ପାଖରେ ସଚ୍ଚୋଟତାର ଅଭାବ ରହିଛି । ସେ ଉତ୍ତମ ସୁନାମ ଅର୍ଜନ କରିନାହାନ୍ତି । ଓକିଲ ମଣ୍ଡଳୀର ସଦସ୍ୟ ଏବଂ ଜନସାଧାରଣଙ୍କ ସହ ତାଙ୍କର ବ୍ୟବହାର ଅସନ୍ତୋଷଜନକ । ତାଙ୍କୁ ଜଣେ ଖରାପ ବିଚାରପତି ଭାବେ ମାନ୍ୟତା ଦିଆଯାଇଛି । ଫାଇଲ୍ ସଂଖ୍ୟା ଏସ୍.ଆଇ.ଡି./ବି.ୱାଇ./93 ରେ ଏସ୍.ଆଇ.ଡି. ରେକର୍ଡ ଦର୍ଶାଏ ଯେ, ଶୃଙ୍ଖଳା କମିଟି ମାର୍ଚ୍ଚ 29 ତାରିଖରେ ଏକ ଚେତାବନୀ ଜାରି କରି ତାଙ୍କୁ ସୂଚନା ଦେଇଛନ୍ତି ଯେ ଭବିଷ୍ୟତରେ ଆଦେଶ ପାରିତ କରିବା ସମୟରେ ସେ ଅଧିକ ସତର୍କ ରହିବା ଉଚିତ ।

କମିଟି ସମ୍ମୁଖରେ ଉପସ୍ଥାପିତ ତଥ୍ୟ ଏବଂ ଶ୍ରୀ ଗୁପ୍ତାଙ୍କ ସମଗ୍ର ପ୍ରଦର୍ଶନକୁ ବିଚାରକୁ ନେଇ, କମିଟିର ମତ ହେଉଛି ଯେ ସେ କାର୍ଯ୍ୟ ଜାରି ରଖିବା ପାଇଁ ଉପଯୁକ୍ତ ନୁହଁନ୍ତି, ତାଙ୍କର ପ୍ରଦର୍ଶନ ସଠିକ୍ ନୁହେଁ ତେଣୁ ସେ ଅବସର ବୟସ 60 ବର୍ଷ ବୃଦ୍ଧି କରିବାର ଅନୁଦାନ ପାଇବାକୁ ଯୋଗ୍ୟ ନୁହଁନ୍ତି ।

ଉକ୍ତ ରିପୋର୍ଟକୁ ଦୃଷ୍ଟିରେ ରଖି, ଉତ୍ତରଦାତାଙ୍କୁ 58 ବର୍ଷ ବୟସରେ ଅର୍ଥାତ 30.7.1997 ରେ ଅବସର ନେବାକୁ କୁହାଯାଇଥିଲା ।

ମହାରାଷ୍ଟ୍ର ପ୍ରଶାସନିକ ସେବା (ପେନସନ) ନିୟମ, 1982 ର ନିୟମ 10 (3) (c) କେବଳ ଓକିଲ ମଣ୍ଡଳୀରୁ ପ୍ରତ୍ୟକ୍ଷ ନିଯୁକ୍ତଙ୍କ ପାଇଁ ଲାଗୁ ହୋଇଥାଏ । ଏହି କାରଣରୁ, ସେମାନଙ୍କୁ ପେନ୍‌ସନ୍‌ର ସୁବିଧା ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନେ 60 ବର୍ଷର ବୟସ ସୀମା ମଧ୍ୟରେ  ସର୍ବନିମ୍ନ ଯୋଗ୍ୟକାରୀ ଦଶବର୍ଷର ସେବା ଅବଧି ପୂରଣ କରିପାରିବେ । ଏପରି ଜଣେ ଅଧିକାରୀଙ୍କ ଅବସର ନେବାର ସାଧାରଣ ବୟସ ଦଶ ବର୍ଷ ସେବା ଶେଷ କରିବା କିମ୍ବା 55 ବର୍ଷ, ଯାହା ପୂର୍ବରୁ ହେଉ, ତାହା ହେବ । ଏହି ବିଷୟ ଦୃଷ୍ଟିରୁ, ଉତ୍ତରଦାତା 55 ବର୍ଷ ବୟସରେ ଅବସର ପ୍ରାପ୍ତ ବୟସ ଅତିକ୍ରମ କରିଥିବେ । ତେବେ, ଏଠାରେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ବିଚାରପତିଙ୍କ ମାମଲା ଅନୁଯାୟୀ ପ୍ରଦାନ କରାଯାଇଥିବା ସୁବିଧାକୁ ଦୃଷ୍ଟିରେ ରଖି, ସେ 60 ବର୍ଷ ବୟସରେ ଅବସର ଗ୍ରହଣ କରିବାର ଥିଲା, କିନ୍ତୁ ଏପରି ସୁବିଧା ସେଥିରେ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁଯାୟୀ ଥିଲା । ଯଦି ସେବା ନିୟମ ଅନୁଯାୟୀ ନ୍ୟାୟିକ ଅଧିକାରୀଙ୍କ ଅବସର ଗ୍ରହଣ ବୟସ 60 ବର୍ଷ ହୋଇଥାଏ, ତେବେ 58 ବର୍ଷ ବୟସରେ ତାଙ୍କ କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରିବାର ପ୍ରଶ୍ନ ଉଠିବ ନାହିଁ; କିନ୍ତୁ ଯେତେବେଳେ ନ୍ୟାୟିକ ଅଧିକାରୀଙ୍କ ପାଇଁ ଲାଗୁ ହେଉଥିବା ସେବା ନିୟମ ଅନୁଯାୟୀ ଅବସର ଗ୍ରହଣ ବୟସ 58 ବର୍ଷ କିମ୍ବା ତା'ଠାରୁ କମ୍ ହେବ, ସେତେବେଳେ ସେ ଏହି ରାୟର ଲାଭ ପାଇବାକୁ ହକଦାର ହେବେ, ଯେଉଁ ପରିସ୍ଥିତିରେ ଏହାର ପ୍ରୟୋଗର ସୀମା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ ।

ଆମ ମତରେ, ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏକ କମିଟି ଗଠନ କରିବା, କମିଟି ଦ୍ୱାରା କରାଯାଇଥିବା ସୁପାରିଶ ଏବଂ ଶେଷରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ପ୍ରଶାସନିକ ଆଦେଶ ମଧ୍ୟ ବିଚାରପତିଙ୍କ ମାମଲା-I ଏବଂ ବିଚାରପତିଙ୍କ ମାମଲା-II ଅନୁଯାୟୀ ଥିଲା । ବାସ୍ତବରେ, ବିଚାରପତିଙ୍କ ମାମଲା-I ଏବଂ ବିଚାରପତିଙ୍କ ମାମଲା-II ଆଧାରରେ, ନିୟମ 10 (3) (c) ପ୍ରତିଷ୍ଠାପିତ ହୋଇଥିଲା । ତେଣୁ, ଆମର ମତ ହେଉଛି ଯେ ଆପତ୍ତି ଅଧୀନରେ ଥିବା ରାୟ ଉପରୋକ୍ତ ନିଷ୍ପତ୍ତି ସହିତ ସୁସଙ୍ଗତ ନୁହେଁ ଏବଂ ଏହାକୁ ବାତିଲ କରାଯିବା ଉଚିତ ।

ତଥାପି, ମାମଲାର ବିଶିଷ୍ଟ ତଥ୍ୟ ଏବଂ ପରିସ୍ଥିତିରେ ଏବଂ ବିଶେଷ କରି ମୂଳ ଉତ୍ତରଦାତାଙ୍କର ତା 17.3.2001 ରିଖରେ ଦେହାନ୍ତ ହୋଇଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି, ଆମେ ନିର୍ଦ୍ଦେଶ ଦେଉଛୁ ଯେ ସେ 10 ବର୍ଷର ସେବା ସମାପ୍ତ କରିବା ପରେ ଅବସର ନେଇପାରିଥାନ୍ତେ ଏବଂ ସେହି ଦୃଷ୍ଟିରୁ, ସମସ୍ତ ଅବସରକାଳୀନ ଲାଭ ଆଇନ ଅନୁଯାୟୀ ଦେୟ ହେବ । ଆମେ ଏହି ଦୃଷ୍ଟିକୋଣ ଗ୍ରହଣ କରିଛୁ କାରଣ ଯଦି ଉତ୍ତରଦାତାଙ୍କୁ ତାଙ୍କ ସେବାର ଦଶ ବର୍ଷ ପୂରଣ କରିବାକୁ ଅନୁମତି ଦିଆଯାଇଥିଲା, ତେବେ ସେ କେବଳ 58 ବର୍ଷ ଛଅ ମାସ ବୟସରେ ଅବସର ନେଇଥାନ୍ତେ ।

ଏହି ପରିପ୍ରେକ୍ଷୀରେ, ଆମେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଚାହୁଁନାହୁଁ । ଉପରୋକ୍ତ ପର୍ଯ୍ୟବେକ୍ଷଣ ଏବଂ ନିର୍ଦ୍ଦେଶ ସହିତ ଅପିଲଟିର ସମାଧାନ କରାଯାଇଛି ।

*ସି.ଏ. ସଂଖ୍ୟା 138/1999*

ଅପିଲକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଦର୍ଶାଇଛନ୍ତି ଯେ ଅପିଲଟି ନିଷ୍ଫଳ ହୋଇଛି । ଏହାକୁ ଏପରି ଭାବେ ଖାରଜ କରାଯାଇଛି ।

ଆର୍.ପି. ଅପିଲଟିର ଫଏସଲା ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।